

# ୨୪

# ଜାତୀୟ ସଂହତି : ଧାରଣ ଓ ଆହ୍ୱାନ
# NATIONAL INTEGRATION : CONCEPT AND CHALLENGE

ଯେତେବେଳେ ତୁମେ କୌଣସି ଅନୁଷ୍ଠାନର ପ୍ରବେଶ ହେବା ପାଇଁ ବା ଚାକିରି ପାଇଁ ଆବେଦନ କରୁଛ, ଆବେଦନ ପତ୍ରରେ ରାଷ୍ଟ୍ର (Nation) ବା ଜାତୀୟତା (Nationality) ଶବ୍ଦଟି ଦେଖିବାକୁ ପାଇବ । ସେଠାରେ ଆମେ ଭାରତୀୟ ବୋଲି ଲେଖିଥାଉଁ। ଏହାର ଅର୍ଥ ଆମେ ଭାରତର ଏବଂ ଭାରତୀୟ । ଏହା କେବଳ ଏକ ଭୌଗୋଳିକ ଅଞ୍ଚଳ ନୁହେଁ ବରଂ ଏହା ହେଉଛି ଲୋକଙ୍କର ଆବେଗପୂର୍ଣ୍ଣ ଭାବନା । ଯେତେବେଳେ ଆମ ରାଷ୍ଟ୍ରରେ ଆକ୍ରମଣ କିମ୍ବା ପ୍ରାକୃତିକ ବିପର୍ଯ୍ୟୟ ଘଟେ, ସେତେବେଳେ ଆମେ ସମସ୍ତେ ଆବେଗାତ୍ମକ ଭାବେ ଏକ ହୋଇ ଅସାମାଜିକ ଶକ୍ତି ଏବଂ ଅପ୍ରାକୃତିକ ଅବସ୍ଥାକୁ ପ୍ରତିରୋଧ କରିଥାଉଁ। ଆମେ ଆମ ରାଷ୍ଟ୍ରକୁ, ଧର୍ମ, ବର୍ଣ୍ଣ, ଭାଷା ଇତ୍ୟାଦିକୁ ଭୁଲି ସାହାଯ୍ୟ କରିବା ପାଇଁ ଆଗେଇ ଆସିଥାଉଁ। ତେଣୁ ଆମେ ସମସ୍ତେ ଜାତୀୟ ସଂହତି କ୍ଷେତ୍ରରେ ଗୋଟିଏ ମୁଖ୍ୟ ଭୂମିକା ଗ୍ରହଣ କରିଥାଉଁ। ଜାତୀୟ ସଂହତି ହେଉଛି ଏକ ସକାରାତ୍ମକ ଚିନ୍ତାଧାରା ବା ଭାବନା (belief) ଯାହାକି ବିକାଶ କ୍ଷେତ୍ରରେ ସାହାଯ୍ୟ କରିଥାଏ। ଏଠାରେ ନିଶ୍ଚିତ ଭାବରେ କୁହାଯାଇପାରେ ଯେ ଆମ ସମ୍ବିଧାନ, ଜାତୀୟ ପତାକା ଏବଂ ଜାତୀୟ ସଂଗୀତ ସାରା ରାଷ୍ଟ୍ରକୁ ଏକ କରି ରଖିଅଛି। କିନ୍ତୁ ବର୍ତ୍ତମାନ ଆମର ଜାତୀୟତା ସଂହତି ଉଗ୍ରପନ୍ଥୀ (ଚରମପନ୍ଥୀ) ଓ ଆତଙ୍କବାଦ କାରଣରୁ ବାଧାପ୍ରାପ୍ତ ହେଉଅଛି। ଏତଦ୍‌ବ୍ୟତୀତ ଆଞ୍ଚଳିକତାବାଦ (Regionalism), ସାମ୍ପ୍ରଦାୟିକତାବାଦ (Communalism), ଧର୍ମୋନ୍ମାଦବାଦ (Religious fanaticism) ଓ ଭାଷାବାଦ (Linguism) ମଧ୍ୟ ଜାତୀୟ ସଂହତି ପାଇଁ ଏକ ବଡ଼ ଆହ୍ୱାନ। ଏହି ଅଧ୍ୟାୟରେ ଆମେ ରାଷ୍ଟ୍ରର ଅର୍ଥ, ଜାତୀୟ ସଂହତି କଣ ଏବଂ ଦେଶରେ ଜାତୀୟ ସଂହତି ପାଇଁ କି କି ଆହ୍ୱାନ ରହିଅଛି, ତାହାକୁ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିବା ।

## ଉଦ୍ଦେଶ୍ୟ Objectives

ଏହି ଅଧ୍ୟାୟଟି ପଢିବା ପରେ ତୁମେ ନିମ୍ନରେ ଲେଖାଯାଇଥିବା ବିଷୟ ସମ୍ବନ୍ଧରେ ଜାଣିପାରିବ।

- ରାଷ୍ଟ୍ରର ସଂଜ୍ଞା ଓ ଜାତୀୟ ସଂହତି
- ସାମ୍ପ୍ରଦାୟିକତାବାଦ,



- ଆଞ୍ଚଳିକତାବାଦ, ବିଷୟରେ ଜାଣିବା
- ଭାଷାବାଦ
- ଜାତୀୟ ସଂହତି ସମ୍ମୁଖରେ ଥିବା ବିଭିନ୍ନ ଆହ୍ୱାନ ।

## ୨୫.୧ ଜାତୀୟ ସଂହତିର ସାଧାରଣ ଭାବ (Concept of National Integration)

ରାଷ୍ଟ୍ର ଏବଂ ଜାତୀୟ ସଂହତି ସମ୍ପର୍କରେ ଆସନ୍ତୁ ପ୍ରଥମେ ଜାଣିନେବା । ରାଷ୍ଟ୍ର ବା ଦେଶ ସାମାଜିକ ତଥା ରାଜନୈତିକ ଗଠନ ପ୍ରଣାଳୀକୁ ସଂଯୁକ୍ତ କରିଥାଏ । ଗୋଟିଏ ଦେଶ ଦଳେ ଲୋକଙ୍କର ସମଷ୍ଟିରେ ଗଠିତ ଯାହାଙ୍କର ଭାବନାକୁ ଏକ କରିଥାଏ । ଏହି ଏକତ୍ରିତ ଭାବନା ଆମର ଇତିହାସ, ସମାଜ, ସାଧାରଣ ମୂଲ୍ୟବୋଧ ଓ ସଂସ୍କୃତି ଦ୍ୱାରା ସ୍ଥିରିକୃତ ହୋଇଥାଏ । ଏଣୁ ଲୋକଙ୍କର ଏହି ଏକତ୍ରିତ ଭାବନା ଗୋଟିଏ ରାଷ୍ଟ୍ର ଗଢିବା ଦିଗରେ ସାହାଯ୍ୟ କରିଥାଏ ।

ଭାରତ ହେଉଛି ଏପରି ଏକ ଦେଶ, ଯେଉଁଠି ଅନେକ ଦିନରୁ ବିଭିନ୍ନ ସମୁଦାୟ ଗୋଷ୍ଠି ବସବାସ କରିଆସୁଛନ୍ତି । ସେମାନେ ବିଭିନ୍ନ ଅଞ୍ଚଳରେ ବସବାସ କରନ୍ତି ଓ ବିଭିନ୍ନ ଭାଷା ବ୍ୟବହାର କରିଥାନ୍ତି । ସେମାନେ ବିଭିନ୍ନ ଧର୍ମର ଓ ସେମାନଙ୍କର ଜୀବନ ପ୍ରଣାଳୀ ମଧ୍ୟ ଭିନ୍ନ । ଏଣୁ ଅନେକ ବିଭିନ୍ନତା ଥିବା ସତ୍ତ୍ୱେ ଆମେ ଗର୍ବର ସହ କହୁ ଯେ ଆମେ ଭାରତୀୟ । ଏହି ଏକତ୍ରିତ ଭାବନାକୁ ଉଭୟ ଅର୍ଥନୈତିକ ଓ ରାଜନୈତିକ ସମ୍ପର୍କ ଶକ୍ତି ଯୋଗାଇଥାଏ ।

ଜାତୀୟ ସଂହତି ହେଉଛି ଏକ ସକାରାତ୍ମକ ଦିଶା (aspect) ଯାହା ସାମାଜିକ, ସାଂସ୍କୃତିକ ଏବଂ ଅର୍ଥନୈତିକ ବିଭିନ୍ନତା ବା ଅସମାନତାକୁ ଦୂର କରିବା ସଂଗେ ସଂଗେ ଜାତୀୟ ଏକତାକୁ ଉତ୍ସାହିତ କରିଥାଏ । ଜନସାଧାରଣ ସେମାନଙ୍କ ଆଦର୍ଶ, ମୂଲ୍ୟବୋଧ ଓ ଆବେଗପୂର୍ଣ୍ଣ ଭାବନାକୁ ନିଜ ନିଜ ମଧ୍ୟରେ ବାଣ୍ଟିଥାନ୍ତି । ଆମର ଜାତୀୟ ପରିଚୟ ହେଉଛି ଗୁରୁତ୍ୱପୂର୍ଣ୍ଣ ବା ଚୂଡାନ୍ତ (supreme) । ସାଂସ୍କୃତିକ ଏକତା, ସମ୍ବିଧାନ, ସାଧାରଣ ଅର୍ଥନୈତିକ ସମସ୍ୟା, ପ୍ରାଦେଶିକ ଅଖଣ୍ଡତା, କଳା, ସାହିତ୍ୟ, ଜାତୀୟ ପର୍ବପର୍ବାଣୀ, ଜାତୀୟ ପତାକା, ଜାତୀୟ ସଂଗୀତ, ଜାତୀୟ ପ୍ରତୀକ ବା ଚିହ୍ନ ଇତ୍ୟାଦି ଜାତୀୟ ସଂହତିକୁ ଉତ୍ସାହିତ କରିଥାଏ ।

### ପାଠଗତ ପ୍ରଶ୍ନ ୨୫.୧

ବନ୍ଧନୀରେ ଥିବା ସଠିକ୍ ଶବ୍ଦ ବ୍ୟବହାର କରି ଶୂନ୍ୟସ୍ଥାନ ପୂରଣ କର ।

୧. ଗୋଟିଏ ରାଷ୍ଟ୍ର ତାର ସାମାଜିକ ଓ ରାଜନୈତିକ ଗଠନକୁ ..................... କରିଥାଏ । (ଏକତ୍ରିତ ବା ସଂଯୁକ୍ତ, ଅସଂଯୁକ୍ତ)



୨. ଗୋଟିଏ ରାଷ୍ଟ୍ରର ଜନସାଧାରଣଙ୍କର ଏକ ............... ଭାବନାରେ ବିଶ୍ୱାସ ଥାଏ । (ସାଧାରଣ, ଅସାଧାରଣ)

୩. ଜାତୀୟ ସଂହତି ................ ଭାବନା ସୃଷ୍ଟି କରେ । (ଆଞ୍ଚଳିକ, ଜାତୀୟ)

୪. ଜାତୀୟ ସଂହତି ହେଉଛି............ (ବିଭିନ୍ନତା ମଧ୍ୟରେ ଏକତା, ଏକତା ମଧ୍ୟରେ ବିଭିନ୍ନତା)

୫. ଜାତୀୟ ସଂହତି ସାମ୍ପ୍ରଦାୟିକତା ଦୃଷ୍ଟିଭଙ୍ଗି ପରିବର୍ତ୍ତେ ଜାତୀୟ ଦୃଷ୍ଟିଭଙ୍ଗିକୁ ................ । (ଗ୍ରହଣ କରିଥାଏ, ତ୍ୟାଗ କରିଥାଏ ।

## ୨୫.୨ ସାମ୍ପ୍ରଦାୟିକତାବାଦ (Communalism)

ସାମ୍ପ୍ରଦାୟିକତାବାଦର ଅର୍ଥ ନିଜ ସମ୍ପ୍ରଦାୟକୁ ଅନ୍ୟ ସମ୍ପ୍ରଦାୟଗୁଡିକଠାରୁ ଉଚ୍ଚସ୍ଥାନରେ ରଖିବା । ତୁମେ ଦେଖିଥିବ ଯେ ମନ୍ଦିର, ମସ୍‌ଜିଦ୍, ଗୁରୁଦ୍ୱାର ଏବଂ ଚର୍ଚ୍ଚମାନଙ୍କରେ ଯଥାକ୍ରମେ ହିନ୍ଦୁ, ମୁସଲମାନ, ଶିଖ୍ ଓ ଖ୍ରୀଷ୍ଟିୟାନ ଧର୍ମାବଲମ୍ବୀମାନେ ପୂଜାପାଠ କରିଥାନ୍ତି । ତୁମେ ଜାଣିଥିବ ଯେ ହିନ୍ଦୁମାନେ ଦୁର୍ଗାପୂଜା, ଦୀପାବଳୀ, ହୋଲି ଏବଂ ରାମନବମୀ ପାଳନ କରିଥାନ୍ତି । ଠିକ୍ ସେହିପରି ମୁସଲ୍‌ମାନମାନେ ଇଦ୍, ବକ୍ରିଦ୍ ଏବଂ ରମଜାନ୍ ପାଳନ କରନ୍ତି । ଶିଖ୍‌ମାନେ ଗୁରୁପୂର୍ଣ୍ଣିମାକୁ ଗୁରୁପର୍ବ ଭାବେ ପାଳନ କରୁଥିବାସ୍ଥଳେ ଖ୍ରୀଷ୍ଟିୟାନମାନେ ଖ୍ରୀଷ୍ଟମାସ ଓ ଇଷ୍ଟର ପାଳନ କରିଥାନ୍ତି । ଏହାଛଡ଼ା ତୁମେ ମଧ୍ୟ ବିଭିନ୍ନ ତୀର୍ଥସ୍ଥାନ ବା ଦେବାଳୟଗୁଡିକ ଦେଖିଥିବ ଯେଉଁଠି ଭଗବାନ ବୁଦ୍ଧ ପୂଜା ପାଇଥାନ୍ତି । ଏଗୁଡିକ ପୁରାପୁରି ଭାବରେ ସୂଚାଇ ଦିଏ ଯେ ଆମ ଦେଶରେ ବିଭିନ୍ନ ଧର୍ମର ଲୋକ ବସବାସ କରିଥାନ୍ତି । ଆମ ସରକାର ଏଗୁଡିକୁ ଜାତୀୟ ପର୍ବ ରୂପେ ଘୋଷଣା କରିଥାନ୍ତି । ଜଣେ ଆଉ ଜଣଙ୍କର ଧର୍ମକୁ ଆପଣେଇବାରେ କୌଣସି ଧରଣର ବାଧ ବାଧକତା ନଥାଏ, ସ୍ୱଇଚ୍ଛାରେ ଜଣେ ଯେ କୌଣସି ଧର୍ମଗ୍ରହଣ କରିପାରେ । କିନ୍ତୁ ଜଣେ ନିଜ ସମ୍ପ୍ରଦାୟକୁ ସମସ୍ତଙ୍କଠୁ ଊର୍ଦ୍ଧ୍ୱରେ ରଖିବା ହେଉଛି ନିହାତି ଭୁଲ । ସାମ୍ପ୍ରଦାୟିକତାବାଦ ଶବ୍ଦଟି ସବୁବେଳେ ଏକ ନକରାତ୍ମକ କ୍ଷତିକାରକ ଶବ୍ଦ ହିସାବରେ ବ୍ୟବହୃତ ହୋଇଥାଏ । ଧାର୍ମିକ ମୌଳବାଦ ଓ ଧର୍ମୋନ୍ମାଦକୁ କେତେକ ସମ୍ପ୍ରଦାୟର ଲୋକେ ପ୍ରାଧାନ୍ୟ ଦେଉଥିବା ହେତୁ ଜାତୀୟ ସଂହତି ପ୍ରତି ବିପଦ ଦେଖା ଦେଉଅଛି ।

ଅତୀତରେ ଆମ ଦେଶ ଅନେକଗୁଡିଏ ସାମ୍ପ୍ରଦାୟିକ ଦଙ୍ଗା କେବଳ ଦୁଇଟି ସମ୍ପ୍ରଦାୟ ମଧ୍ୟରେ ଘଟିଥିବାର ଦେଖି ନାହିଁ ବରଂ ଅନ୍ୟାନ୍ୟ ସମ୍ପ୍ରଦାୟମାନଙ୍କ ମଧ୍ୟରେ ମଧ୍ୟ ଏହା ଘଟିଥିବାର ନଜିର ଅଛି । ୧୯୪୬-୪୭ ମସିହାରେ ଆମ ଦେଶର ବିଭାଜନ ସମୟରେ ଏକ ବଡ଼ ଧରଣର ସାମ୍ପ୍ରଦାୟିକ ଦଙ୍ଗା ଘଟିଥିଲା । ୧୯୮୪ ମସିହାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ହତ୍ୟା ପରେ ମଧ୍ୟ ଆମ ଦେଶର ହିନ୍ଦୁ ଓ ଶିଖ୍‌ମାନଙ୍କ ମଧ୍ୟରେ ସାମ୍ପ୍ରଦାୟିକ ଦଙ୍ଗା ହୋଇଥିଲା । ପୁନଶ୍ଚ, ୧୯୯୨ ମସିହାରେ ବାବ୍ରି ମସଜିଦ୍ ଭଙ୍ଗାଯିବା ପରେ ଦେଶରେ ଅନେକ ଗୁଡିଏ ଦଙ୍ଗା



ହୋଇଥିଲା ଏବଂ ୨୦୦୨ ମସିହାରେ ଗୁଜରାଟ୍ ଦଙ୍ଗାରେ ଆମର ବହୁ ଯୁଗବ୍ୟାପୀ ଛବିଟିରେ କଳଙ୍କ ଲାଗିଥିଲା ।

ସାମ୍ପ୍ରଦାୟିକ ଦଙ୍ଗାରେ ଆମେ ଆମର ଜାତୀୟ ପରିଚୟକୁ ଭୁଲି 'ଧର୍ମାନ୍ଧ' ହୋଇଥାଉଁ । ଅନ୍ୟ ଧର୍ମ ପ୍ରତି ଆମର ଅବିଶ୍ୱାସ ସହ ଘୃଣାଭାବ ବଢ଼ିଯାଏ । ଗୋଟିଏ ଧର୍ମର ଲୋକେ ଅନ୍ୟ ଧର୍ମର ଧନ ଜୀବନ ନଷ୍ଟ କରିଥାନ୍ତି । ଉଭୟ ଗୋଷ୍ଠୀ ନିଜର ସାଧାରଣ ଜାତୀୟ ପରିଚୟକୁ ଭୁଲି ଦଙ୍ଗାରେ ବ୍ୟସ୍ତ ରହନ୍ତି, ଯାହାକି ଏକ ଘୃଣା ଭାବନା ସୃଷ୍ଟି କରେ ।

### ପାଠଗତ ପ୍ରଶ୍ନ ୨୫.୨

ନିମ୍ନବାକ୍ୟଗୁଡ଼ିକୁ ଠିକ୍ ବା ଭୁଲ ଥିଲେ ଲେଖ ।

୧. ସାମ୍ପ୍ରଦାୟିକତାବାଦ ହେଉଛି ନଜ ସମ୍ପ୍ରଦାୟକୁ ଅନ୍ୟମାନଙ୍କ ଠାରୁ ଉର୍ଦ୍ଧ୍ୱରେ ରଖିବା । (ଠିକ୍ /ଭୁଲ)

୨. ମୁସଲମାନମାନେ ଇଦ୍ ଏବଂ ରମଜାନ ପାଳନ କରନ୍ତି । (ଠିକ୍/ଭୁଲ)

୩. ଇଷ୍ଟର, ଖ୍ରୀଷ୍ଟିଆନମାନଙ୍କର ଏକ ପର୍ବ । (ଠିକ୍/ ଭୁଲ)

୪. ସାମ୍ପ୍ରଦାୟିକ ଦଙ୍ଗାବେଳେ ଆମେ ଆମର ଜାତୀୟ ଭାବନା ଓ ପରିଚୟକୁ ଭୁଲିଯାଉ । (ଠିକ୍/ ଭୁଲ)

୫. ସାମ୍ପ୍ରଦାୟିକ ଦଙ୍ଗାରେ ଆମେ ଅହଙ୍କାର ଓ ଘୃଣାଭାବକୁ ଜନ୍ମ ଦେଉ । (ଠିକ୍/ ଭୁଲ)

## ୨୫.୩ ଭାଷାବାଦ (Linguism)

ଭାଷାବାଦ ହେଉଛି ନିଜ ମାତୃଭାଷା ପ୍ରତି ଆନୁଗତ୍ୟ ସହିତ ଅନ୍ୟ ଭାଷାର ବିରୁଦ୍ଧାଚରଣ କରିବା । ତୁମେ ବିଭିନ୍ନ ଭାଷା ଯଥା- ହିନ୍ଦି, ଇଂରାଜୀ, ବଙ୍ଗାଳୀ, କନ୍ନଡ, ତେଲୁଗୁ, ମାଲାୟାଲାମ, ମରାଠି, ଓଡ଼ିଆ, ଗୁଜୁରାଟି ଇତ୍ୟାଦି ଭାଷା ବ୍ୟବହାର କରୁଥିବା ଲୋକଙ୍କ ସାଙ୍ଗେ ମିଶିଥାଅ । ଆମ ଦେଶରେ ଅନେକ ଲୋକ ବିଭିନ୍ନ ଭାଷାରେ କଥା ହେଉଥିବା ହେତୁ ଏହା ଏକ ବହୁ ଭାଷାର (multi-lingual) ରାଷ୍ଟ୍ର ଅଟେ । ଆମ ସମ୍ବିଧାନର ଅଷ୍ଟମ ପରିଚ୍ଛେଦ ଅନୁଯାୟ ଆମର ୨୦ଟି ବିଭିନ୍ନ ଭାଷା ଅଛି । ସେଥିମଧ୍ୟରୁ ହିନ୍ଦି ଓ ଇଂରାଜୀ ହେଉଛି ସରକାରୀ ଭାଷା । ପ୍ରତ୍ୟେକ ଭାଷାର ନିଜସ୍ୱ ସାହିତ୍ୟ ଓ ଲିପି ଅଛି । ଭାଷାବାଦ ଲୋକଙ୍କୁ ସମାନ ଭାଷା ପାଇଁ ସଂଯତ କରିଥାଏ ବା ସୀମାବଦ୍ଧ କରିଥାଏ ।

ଭାଷା ଏବଂ ସଂସ୍କୃତି ସବୁବେଳେ ଅବିଚ୍ଛେଦ୍ୟ ଯାହାକୁ ପୃଥକ କରାଯାଇନପାରେ । ଭାଷା ହେଉଛି ସଂସ୍କୃତିର ବାହକ । ଏହା ଗୋଟିଏ ପିଢ଼ିର ସଂସ୍କୃତି ଅନ୍ୟ ପିଢ଼ି ପର୍ଯ୍ୟନ୍ତ ଓ ଗୋଟିଏ



ଗୋଷ୍ଠିରୁ ଅନ୍ୟ ଗୋଷ୍ଠି ପର୍ଯ୍ୟନ୍ତ ପ୍ରବାହିତ କରି ନେଇଥାଏ। ଗୋଟିଏ ଭାଷା ବ୍ୟବହାର କରୁଥିବା ଜନସାଧାରଣ ଯେତେବେଳେ ଅନ୍ୟ ଭାଷା ବ୍ୟବହାର କରନ୍ତି, ସେତେବେଳେ ଏହା ସଂହତିର ଭାବନାକୁ ପ୍ରୋତ୍ସାହନ ଦେଇଥାଏ । କିନ୍ତୁ ଅନେକ ସମୟରେ ଭାଷାକୁ ନେଇ କଳହ ସୃଷ୍ଟି ହୋଇଥାଏ । ଏହି ସଂକୀର୍ଣ୍ଣ ସ୍ୱାର୍ଥପର ପ୍ରବୃତ୍ତିଟି (parochial tendency) ଦେଶର ଜାତୀୟ ସଂହତିକୁ ଧ୍ୱଂସ କରିଥାଏ। ଆମ ଦେଶ ଏହା ପୂର୍ବରୁ ଏହି ଭାଷା ଜନିତ ଦଙ୍ଗା ୧୯୬୪ରେ ତାମିଲନାଡୁରେ ଓ ୧୯୬୭ରେ ଆସାମରେ ଦେଖିସାରିଅଛି। ସାମ୍ପ୍ରଦାୟିକତାବାଦ ଭଳି ଭାଷାବାଦ ମଧ୍ୟ ନକରାତ୍ମକ ହିସାବରେ ବ୍ୟବହାର ହୋଇଥାଏ।

ଦେଶରେ ଜନସାଧାରଣ ବ୍ୟବହାର କରୁଥିବା ବିଭିନ୍ନ ଭାଷାର ବିସ୍ତୃତ ବିବରଣୀ (୧୯୮୧ ଜନଗଣନା ଅନୁଯାୟୀ)

| କ୍ରମିକ ନମ୍ବର | ବିଭିନ୍ନ ଭାଷା | ମୋଟ ଲୋକସଂଖ୍ୟାର ଶତକଡ଼ା |
|---|---|---|
| ୧ | ହିନ୍ଦି | ୪୨.୯ |
| ୨ | ବଙ୍ଗାଳୀ | ୮.୩ |
| ୩. | ତେଲୁଗୁ | ୮.୨ |
| ୪ | ମରାଠି | ୮.୦ |
| ୫. | ତାମିଲ | ୭.୬ |
| ୬. | ଉର୍ଦ୍ଦୁ | ୫.୭ |
| ୭. | ଗୁଜରାତୀ | ୫.୪ |
| ୮. | ମାଲୟାଲାମ | ୪.୨ |
| ୯. | କନ୍ନଡ | ୪.୨ |
| ୧୦. | ଓଡ଼ିଆ | ୩.୭ |
| ୧୧. | ପଞ୍ଜାବୀ | ୩.୨ |
| ୧୨. | ଆସାମୀୟ (ଅହମିଆ) | ୨.୨ |
| ୧୩. | ସିନ୍ଧି | ୧.୬ |
| ୧୪. | କାଶ୍ମୀରୀ | ୦.୩ |



## ପାଠଗତ ପ୍ରଶ୍ନ ୨୫.୩

ସଠିକ୍ ଉତ୍ତର ବାଛି ଲେଖ ।

୧. ଭାଷାଗତ ଦଙ୍ଗା ତାମିଲନାଡୁରେ କେଉଁ ବର୍ଷ ଘଟିଥିଲା ?

(କ) ୧୯୬୩ (ଖ) ୧୯୬୪ (ଗ) ୧୯୬୫ (ଘ) କୌଣସିଟି ନୁହେଁ

୨. ଆସାମରେ ଭାଷାଗତ ଦଙ୍ଗା କେଉଁବର୍ଷ ଘଟିଥିଲା ?

(କ) ୧୯୬୬ (ଖ) ୧୯୬୭ (ଗ) ୧୯୬୮ (ଘ) କୌଣସିଟି ନୁହେଁ

୩. ଆମ ଦେଶରେ ହିନ୍ଦି ଭାଷାକୁ ଶତକଡ଼ା କେତେ ଭାଗ ଲୋକ ବ୍ୟବହାର କରିଥାନ୍ତି ?

(କ) ୪୧.୦ (ଖ) ୪୨.୦ (ଗ) ୪୨.୯ (ଘ) କୌଣସିଟି ନୁହେଁ

୪. ଆମ ସରକାରୀ ଭାଷା ହେଉଛି...............

(କ) ଉର୍ଦ୍ଦୁ (ଖ) ସଂସ୍କୃତ (ଗ) ହିନ୍ଦି ଓ ଇଂରାଜୀ (ଘ) କୌଣସିଟି ନୁହେଁ

୫. ସାମ୍ପ୍ରଦାୟିକ ଦଙ୍ଗାବେଳେ ଆମେ କେଉଁ ଜିନିଷକୁ ଜନ୍ମ ଦେଇଥାଉ ?

(କ) ପ୍ରେମ (ଖ) ଜାତୀୟ ଆନୁଗତ୍ୟ (ଗ) ଘୃଣା ଓ ଅହଙ୍କାର (ଘ) କେଉଁଟି ନୁହେଁ।

## ୨୫.୪ ଆଞ୍ଚଳିକତାବାଦ (Regionalism)

ଆଞ୍ଚଳିକତାବାଦ ହେଉଛି ଏକ ଭାବନା ଯାହା ଏକ ନିର୍ଦ୍ଦିଷ୍ଟ ଅଞ୍ଚଳର ବ୍ୟକ୍ତିମାନେ ନିଜ ଅଞ୍ଚଳ ପ୍ରତି ଅନ୍ଧ ଆନୁଗତ୍ୟ ଯୋଗୁଁ ଅନ୍ୟ ଅଞ୍ଚଳ ତଥା ଜାତୀୟ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ନିଜ ଅଞ୍ଚଳର ଉନ୍ନତି ପ୍ରତି ବିଶେଷ ଦୃଷ୍ଟି ଦେଇଥାନ୍ତି। ଏହି ଭାବନାର ବଶବର୍ତ୍ତି ହୋଇ ବ୍ୟକ୍ତି ନିଜ ଅଞ୍ଚଳ ପ୍ରତି ଅତ୍ୟଧିକ ଆସକ୍ତି ମନୋଭାବ ପୋଷଣ କରିଥାଏ। ଏଣୁ ବ୍ୟକ୍ତି ନିଜ ଅଞ୍ଚଳର ଭାଷା, ସଂସ୍କୃତି ଓ ଅର୍ଥନୈତିକ ଉନ୍ନତି ପ୍ରତି ଅଧିକ ଦୃଷ୍ଟି ଦେଇଥାଏ। ଆଞ୍ଚଳିକତାବାଦରେ ଜାତୀୟ ଆନୁଗତ୍ୟ ଅପେକ୍ଷା ଆଞ୍ଚଳିକ ପ୍ରସଙ୍ଗକୁ ଅଧିକ ଗୁରୁତ୍ୱ ଦେଇଥାଏ । ଏହା ଏକ ନକାରାତ୍ମକ ଭାବନା ଯେଉଁଠି ଲୋକେ ଅନ୍ୟ ଅଞ୍ଚଳ ଅପେକ୍ଷା ନିଜ ଅଞ୍ଚଳ ପ୍ରତି ଅନ୍ଧ ଆନୁଗତ୍ୟ ପ୍ରଦର୍ଶନ କରିଥାନ୍ତି। ଆଞ୍ଚଳିକତାବାଦ ଆଞ୍ଚଳିକ ସ୍ୱୟଂଶାସନ ପାଇଁ ବିଶେଷ ଧ୍ୟାନ ଦେବା ସଂଗେ ସଂଗେ ନୂଆ ରାଜ୍ୟର ସୃଷ୍ଟି ପାଇଁ ମଧ୍ୟ ଦାବି କରିଥାଏ। ଯାହାକି ଭୂମିପୁତ୍ର (son of the soil) ତତ୍ତ୍ୱକୁ ଅଧିକ ଗୁରୁତ୍ୱ ଦେଇଥାଏ।

ଆମେ ଭାରତୀୟମାନେ ବିଭିନ୍ନ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳମାନଙ୍କରେ ବସବାସ



କରିଥାଉ । ପ୍ରତ୍ୟେକ ରାଜ୍ୟ  କିମ୍ବା କେନ୍ଦ୍ରଶାସିତ ଅଞ୍ଚଳର ନିଜସ୍ୱ ଭୌଗୋଳିକ ସୀମା ଅଛି। ପୁନଶ୍ଚ, ପ୍ରତ୍ୟେକ ରାଜ୍ୟର ନିଜର ପ୍ରାକୃତିକ ଏବଂ ମାନବ ସମ୍ବଳ ମଧ୍ୟ ରହିଅଛି। କିନ୍ତୁ ରାଜ୍ୟ ମଧ୍ୟରେ ପୁଣି ଏକ ଛୋଟ ରାଜ୍ୟ  ସୃଷ୍ଟି ପାଇଁ ଦାବି ହୋଇଥାଏ। ଆଞ୍ଚଳିକ ରାଜନୈତିକ ଦଳଗୁଡିକ ସେମାନଙ୍କ ନିଜସ୍ୱ ଇଚ୍ଛା ସାଧନ ପାଇଁ ଅଲଗା ରାଜ୍ୟ ସୃଷ୍ଟି ପାଇଁ ଦାବି କରିଥାନ୍ତି। ସେମାନେ ମଧ୍ୟ ଏଥିପାଇଁ ନିଜ ଅଞ୍ଚଳରେ ଅସ୍ଥିରତା ସୃଷ୍ଟି ପାଇଁ ଜୋର ଦେଇଥାନ୍ତି । ପୁନଶ୍ଚ, ସେମାନେ ଭୂମିପୁତ୍ର ତତ୍ତ୍ୱକୁ ଅଧିକ ପ୍ରାଧାନ୍ୟ ଦେଇ ନୂତନ ରାଜ୍ୟ ସୃଷ୍ଟି ନିମନ୍ତେ ବିଭିନ୍ନ ଆନ୍ଦୋଳନ କରିଥାନ୍ତି ।

୨୦୦୦ ମସିହା ନଭେମ୍ବର ମାସରେ; ଛତିଶଗଡ, ଉତ୍ତରାଞ୍ଚଳ ଓ ଝାରଖଣ୍ଡ ନାମରେ ତିନୋଟି ନୂତନ ରାଜ୍ୟ ଗଠିତ ହୋଇଥିଲା। ସେହି ଅଞ୍ଚଳର ଲୋକଙ୍କ ଦୃଢ ଆଞ୍ଚଳିକ ଭାବନା ଯୋଗୁଁ ଏହି ରାଜ୍ୟଗୁଡିକ ଗଠିତ ହୋଇପାରିଥିଲା। ଏବେ ପୁଣି ଆଉ କେତେକ ନୂତନ ରାଜ୍ୟ ଗଠନ ପାଇଁ ଦାବି ହେଉଛି। ଉତ୍ତରପ୍ରଦେଶରେ ଆଉ ଦୁଇଟି ନୂତନ ରାଜ୍ୟ ଯଥା- ହରିତ୍ ପ୍ରଦେଶ ଓ ପୂର୍ବାଞ୍ଚଳ ରାଜ୍ୟ ଗଠନ ପାଇଁ ଦାବି ଜୋର ଧରିଛି। ମହାରାଷ୍ଟ୍ରରେ ମଧ୍ୟ ବିଦର୍ଭ ରାଜ୍ୟ ଗଠନ ପାଇଁ ଦାବି ହେଉଛି । ଠିକ୍ ସେହିପରି ଆନ୍ଧ୍ରପ୍ରଦେଶରେ ତେଲେଙ୍ଗାନା ଅଞ୍ଚଳର ଲୋକେ ତେଲେଙ୍ଗାନା ରାଜ୍ୟ ଓ ଆସାମରେ ବୋଡୋଲାଣ୍ଡ ରାଜ୍ୟ ଗଠନ ପାଇଁ ଜୋର୍‌ଦାର ଦାବି କରିଆସୁଛନ୍ତି । ପୁନଶ୍ଚ ପଶ୍ଚିମବଙ୍ଗରେ ମଧ୍ୟ ଗୋର୍ଖାଲ୍ୟାଣ୍ଡ ଗଠନ ପାଇଁ ଅନେକ ଦିନରୁ ଦାବି ହୋଇଆସୁଅଛି । ଏଥିରେ ରାଜନୈତିକ ଦଳ ଏବଂ ସେମାନଙ୍କ ନେତାମାନେ ଏହିସବୁ ରାଜ୍ୟ ଗଠନ ପାଇଁ ବିଭିନ୍ନ ସମୟରେ ଆନ୍ଦୋଳନ, ଧାରଣା ଓ ପ୍ରତିବାଦ କରିଆସୁଛନ୍ତି। ଅନେକ ସମୟରେ ସେମାନେ ଅନ୍ୟ ଅଞ୍ଚଳର ଲୋକଙ୍କ ସହିତ କଳହ କରିବାକୁ ମଧ୍ୟ ଆଗେଇ ଆସୁଛନ୍ତି । ଏଥିପାଇଁ ସେମାନେ ସେମାନଙ୍କ ଜାତୀୟ ପରିଚୟକୁ ଭୁଲି ଯାଇଥାନ୍ତି ଏବଂ ନିଜ ଅଞ୍ଚଳ ନିମନ୍ତେ ମରିବା ପାଇଁ ମଧ୍ୟ ପ୍ରସ୍ତୁତ ହୋଇଥାନ୍ତି। ଏହିପରି ଆଞ୍ଚଳିକ ଅନୁଗତ୍ୟ ଜାତୀୟ ସଂହତି ପ୍ରତି ବିପଦ ସୃଷ୍ଟି କରିଥାଏ।

## ପାଠଗତ ପ୍ରଶ୍ନ

ଗୋଟିଏ ବାକ୍ୟରେ ଉତ୍ତର ଦିଅ

୧. ଆଞ୍ଚଳିକତାବାଦ କାହାକୁ କୁହାଯାଏ ?

.........................................................................................

୨. ଆଞ୍ଚଳିକତାବାଦକୁ କାହିଁକି ଏକ ନାସ୍ତିବାଚକ ଶବ୍ଦ ବୋଲି କୁହାଯାଏ ?

.........................................................................................



୩. ଆଞ୍ଚଳିକତାବାଦ କାହା ଉପରେ ଗୁରୁତ୍ୱ ଦେଇଥାଏ ?

..............................................................................................

୪. ତିନିଗୋଟି ନୂଆ ରାଜ୍ୟ କେବେ ଗଠିତ ହୋଇଥିଲା ?

..............................................................................................


୫. ଏକ ନୂଆ ରାଜ୍ୟ ଭାବେ ତେଲେଙ୍ଗାନା ରାଜ୍ୟ ଗଠନ ପାଇଁ କେଉଁ ରାଜ୍ୟରେ ଦାବି ହେଉଅଛି ?

..............................................................................................

## ୨୫.୫ ଜାତୀୟ ସଂହତି ପାଇଁ ଆହ୍ୱାନ

ଆମ ଦେଶର ସାମ୍ପ୍ରଦାୟିକତାବାଦ, ଭାଷାବାଦ ଏବଂ ଆଞ୍ଚଳିକତାବାଦ ଆମର ଜାତୀୟ ସଂହତି ପାଇଁ ହେଉଛି ମୁଖ୍ୟ ଆହ୍ୱାନ । ଏହି ଅଧ୍ୟାୟରେ ତୁମେ ରାଷ୍ଟ୍ର, ଜାତୀୟ ସଂହତି, ସାମ୍ପ୍ରଦାୟିକତାବାଦ, ଭାଷାବାଦ ଓ ଆଞ୍ଚଳିକତାବାଦ ସମ୍ବନ୍ଧରେ ଅଧ୍ୟୟନ କରିସାରିଛ । ବର୍ତ୍ତମାନ ଆମେ ଜାତୀୟ ସଂହତିର ବିଭିନ୍ନ ସମସ୍ୟାଗୁଡ଼ିକୁ ଅଧ୍ୟୟନ କରିବା । ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ; ଯେ ଜାତୀୟ ସଂହତି ହେଉଛି ଗୋଟିଏ ରାଷ୍ଟ୍ରର ଜନସାଧାରଣ ଜାତି, ଧର୍ମ, ଭାଷା, ବର୍ଣ୍ଣ, ଆଞ୍ଚଳିକତା ଇତ୍ୟାଦି ଭେଦଭାବ ଭୁଲି ଗୋଟିଏ ଏକତ୍ରିତ ଭାବନାରେ ବନ୍ଧା ହେବା । ଅନ୍ୟ ଭାଷାରେ କହିଲେ; ଏହା ହେଉଛି ବିଭିନ୍ନତା ମଧ୍ୟରେ ଏକତା । ଏହା ଧର୍ମ ଭାଷା ଏବଂ ଆଞ୍ଚଳିକତାର ଆନୁଗତ୍ୟ ଠାରୁ ବହୁ ଊର୍ଦ୍ଧ୍ୱରେ । କିନ୍ତୁ ଏହା ଦୁର୍ଭାଗ୍ୟ ଯେ ଏକତ୍ରିତ ଭାବନାଟି ଧର୍ମ, ଭାଷା ଓ ଆଞ୍ଚଳିକତାର ବଶବର୍ତ୍ତି ହୋଇ ଆଘାତପ୍ରାପ୍ତ ପାଇଥାଏ । ଅନେକ ଘଟଣାକ୍ରମରେ ଆଞ୍ଚଳିକତା ଦୃଷ୍ଟିଭଙ୍ଗୀ, ଭାଷା, ପ୍ରୀତି ଓ ଆଞ୍ଚଳିକତା ଆନୁଗତ୍ୟ ଇତ୍ୟାଦି ମଧ୍ୟ ଜାତୀୟ ସଂହତି ପ୍ରତି ଭୟ ସୃଷ୍ଟି କରିଥାଏ । ତେଣୁ ସାମ୍ପ୍ରଦାୟିକତାବାଦ, ଭାଷାବାଦ ଓ ଆଞ୍ଚଳିକତାବାଦ ଆମର ଜାତୀୟ ସଂହତି ପ୍ରତି ଏକ ବଡ଼ ସମସ୍ୟା ।

ଆମ ଦେଶରେ ଅନେକ ସମୟରେ ହିନ୍ଦୁ ଏବଂ ମୁସଲମାନଙ୍କ ମଧ୍ୟରେ ଏକତ୍ରିତ ଭାବନାର ସମସ୍ୟା ଦେଖାଦେଇଛି । ଯଦିଓ ବିହାର, ଉତ୍ତରପ୍ରଦେଶ ଓ ଅନ୍ୟ ରାଜ୍ୟମାନଙ୍କରେ କେତେକ ସାମାନ୍ୟ ଧରଣର ସାମ୍ପ୍ରଦାୟିକ ଦଙ୍ଗା ଦେଖାଦେଇଛି କିନ୍ତୁ ୧୯୪୭ ଓ ୧୯୯୨ ମସିହାରେ ଦଙ୍ଗାର ରୂପ ଅତି ଭୟଙ୍କର ଥିଲା ଯାହାକି ଆମ ଜାତୀୟ ସଂହତିକୁ ବିଶେଷ ଭାବରେ ଆଘାତ ଦେଇଥିଲା । ସାମ୍ପ୍ରଦାୟିକ ଦଙ୍ଗାରେ ଲୋକେ ଭୁଲି ଯାଇଥାନ୍ତି ଯେ ସେମାନେ ଭାରତୀୟ ଏବଂ ସେମାନେ ମଧ୍ୟ ଭୁଲି ଯାଆନ୍ତି ଯେ ଯେଉଁମାନଙ୍କୁ ମାରିବା ପାଇଁ ଯାଉଛନ୍ତି ସେମାନେ ମଧ୍ୟ ଭାରତୀୟ । ସେମାନେ ଜାତୀୟ ପରିଚୟ ଦ୍ୱାରା ପ୍ରଭାବିତ ହୋଇପାରନ୍ତି ନାହିଁ । କେତେକ ରାଜନୈତିକ ଓ ଧାର୍ମିକ ନେତା ସେମାନଙ୍କର ସଂକୀର୍ଣ୍ଣ ସ୍ୱାର୍ଥ ସାଧନ ପାଇଁ ସାମ୍ପ୍ରଦାୟିକତାବାଦକୁ



ଉସୁକାଇଥାନ୍ତି । ତେଣୁ ସାମ୍ପ୍ରଦାୟିକତାବାଦ ଜାତୀୟ ସଂହତି ପାଇଁ ଏକ ବଡ଼ ସମସ୍ୟା ବା ଆହ୍ୱାନ ।

ସାମ୍ପ୍ରଦାୟିକତାବାଦ ଭଳି ଭାଷାବାଦ ମଧ୍ୟ ଜାତୀୟ ସଂହତି ପାଇଁ ଏକ ବଡ଼ ସମସ୍ୟା । ଅତ୍ୟଧିକ ଭାଷାଗତ ଆନୁଗତ୍ୟ ଗୋଟିଏ ଦେଶର ଜନସାଧାରଣଙ୍କ ଏକତ୍ରିତ ଭାବନା ବିରୁଦ୍ଧରେ ଯାଇଥାଏ । ଭାଷାବାଦରେ ଲୋକେ ସେମାନଙ୍କର ଜାତୀୟ ପରିଚୟକୁ ଭୁଲି ଭାଷାଗତ ପରିଚୟକୁ ଅଗ୍ରାଧିକାର ଦେଇଥାନ୍ତି । ବ୍ୟକ୍ତିଗତ ଭାଷାର ପ୍ରସ୍ଥିତି ପାଇଁ ସେମାନେ କଳହରେ ମଜି ରହି ଶତ୍ରୁ ପରି ବ୍ୟବହାର କରିଥାନ୍ତି ଏବଂ ଅନ୍ୟ ଭାଷା ବ୍ୟବହାର କରୁଥିବା ଲୋକଙ୍କ ପ୍ରତି ଅସୂୟତା ତଥା ଘୃଣାଭାବ ପ୍ରଦର୍ଶନ କରିଥାନ୍ତି । ବେଳେବେଳେ ସେମାନେ ଅନ୍ୟ ଭାଷାଭାଷୀ ଲୋକଙ୍କର ଧନଜୀବନ ନଷ୍ଟ କରିବାକୁ ମଧ୍ୟ ପଛେଇ ନଥାନ୍ତି । ସେମାନେ ଏପରି ବ୍ୟବହାର କରନ୍ତି ଯେ ଯେପରିକି ସେମାନେ ଭାରତୀୟ ନୁହନ୍ତି । ଦକ୍ଷିଣ ଭାରତୀୟମାନେ ହିନ୍ଦି ଅପେକ୍ଷା ଇଂରାଜୀ ଭାଷାକୁ ଅଧିକ ପସନ୍ଦ କରିଥାନ୍ତି । ସେଥିପାଇଁ ଉଭୟ ହିନ୍ଦି ଓ ଇଂରାଜୀକୁ ସରକାରୀ ଭାଷା ରୂପେ ଘୋଷଣା କରାଯାଇଅଛି ।

ସାମ୍ପ୍ରଦାୟିକତାବାଦ ଓ ଭାଷାବାଦ ପରି ଆଞ୍ଚଳିକତାବାଦ ମଧ୍ୟ ଆମ ଜାତୀୟ ସଂହତି ପାଇଁ ଏକ ବଡ଼ ଆହ୍ୱାନ । ଲୋକଙ୍କର ଆଞ୍ଚଳିକ ଉଚ୍ଚଅଭିଳାଷ ପାଇଁ ସେମାନଙ୍କ ନେତାଙ୍କ ଦ୍ୱାରା ମଧ୍ୟ ଜାତୀୟ ସଂହତି ବ୍ୟାଘାତ ହୋଇଥାଏ । ଆଞ୍ଚଳିକ ଆକାଂକ୍ଷା ଓ ଆନୁଗତ୍ୟ ଜାତୀୟ ସଂହତି ଭାବନାକୁ ଆଘାତ ଦେଇଥାଏ । ଏଣୁ ଆଞ୍ଚଳିକତାବାଦ ପାଇଁ ରାଜନୈତିକ ଦଳଗୁଡିକ ପୁରାପୁରି ଭାବରେ ଦାୟୀ । ଏଗୁଡିକ ଆଞ୍ଚଳିକ ସ୍ୱାଧୀନତା ପାଇଁ ଦାବି କରିଥାନ୍ତି । ଏହା କେତେକ ନୂଆ ରାଜ୍ୟ ଗଠନ କଳାପରେ ପୁଣି ଆଉ କେତେକ ନୂତନ ରାଜ୍ୟ ସୃଷ୍ଟି ପାଇଁ ଦାବି କରିଆସୁଅଛି ।

## ପାଠଗତ ପ୍ରଶ୍ନ ୨୫.୫

'କ' ସ୍ତମ୍ଭ ସଙ୍ଗେ 'ଖ' ସ୍ତମ୍ଭର ଶବ୍ଦଗୁଡିକୁ ସଜେଇ ଲେଖ

| କ | ଖ |
|---|---|
| ୧. ଜାତୀୟ ସଂହତି | ୧. ସାମ୍ପ୍ରଦାୟିକତାବାଦକୁ ଉତ୍ସାହିତ କରନ୍ତି |
| ୨. ସାମ୍ପ୍ରଦାୟିକତାବାଦ, ଭାଷାବାଦ ଓ ଆଞ୍ଚଳିକତାବାଦ | ୨. ଆଞ୍ଚଳିକ ସ୍ୱାଧୀନତା ପାଇଁ ଦାବି କରିବା |
| ୩. ରାଜନୈତିକ ଓ ଧାର୍ମିକ ନେତା | ୩. ସେମାନଙ୍କ ଭାଷାଗତ ପରିଚୟ ପାଇଁ |
| ୪. ଆଞ୍ଚଳିକତାବାଦକୁ ସମର୍ଥନ | ୪. ନକାରାତ୍ମକ ଶବ୍ଦ |
| ୫. ଭାଷାବାଦକୁ ଲୋକେ ଅଧିକରୁ ଅଧିକ ପ୍ରାଧାନ୍ୟ ଦିଅନ୍ତି | ୫. ବିଭିନ୍ନତା ମଧ୍ୟରେ ଏକତାର ଭାବନା |



## ତୁମେ କ'ଣ ଶିକ୍ଷା କଲ (What you have learnt)

ତୁମେ ଏହି ଅଧ୍ୟାୟରେ ନିମ୍ନଲିଖିତ ବିଷୟ ସମ୍ବନ୍ଧରେ କ'ଣ ଶିକ୍ଷା କଲ ।

- ରାଷ୍ଟ୍ର ହେଉଛି ଲୋକଙ୍କର ଏକ ଗୋଷ୍ଠି ଯେଉଁଠି ଭାବମିଶ୍ରିତ ଚିନ୍ତା ଦେଖାଯାଇଥାଏ ।
- ଜାତୀୟ ସଂହତି ହେଉଛି ଏକତ୍ରିତ ଭାବନା ଯାହାକି କୌଣସି କ୍ଷମତା ଚିନ୍ତା, ଭାବନା ଓ କାର୍ଯ୍ୟ ଦ୍ୱାରା ନ୍ୟସ୍ତ କରଯାଇନପାରେ ।
- ସାମ୍ପ୍ରଦାୟିକତାବାଦକୁ ଜଣେ ବ୍ୟକ୍ତି ନିଜ ସମୁଦାୟ ଏପରିକି ନିଜ ରାଷ୍ଟ୍ରଠାରୁ ମଧ୍ୟ ଉର୍ଦ୍ଧ୍ୱରେ ରଖିଥାଏ ।
- ଭାଷାବାଦ ହେଉଛି ଲୋକେ ବ୍ୟବହାର କରୁଥିବା ଏକ ନିର୍ଦ୍ଦିଷ୍ଟ ମାତୃଭାଷା ପ୍ରତି ଅତ୍ୟଧିକ ଆଦର ।
- ଆଞ୍ଚଳିକତାବାଦ ହେଉଛି ଗୋଟିଏ ଅଞ୍ଚଳର ଲୋକଙ୍କର ଏକ ଦୃଢ ଏକତାର ଭାବନା ଯାହାକି ଭାଷା, ସଂସ୍କୃତି ଏବଂ ଅର୍ଥ ଉପରେ ବେଷ୍ଟିତ । ଏହା ଆଞ୍ଚଳିକ ସ୍ୱାଧୀନତା ଏବଂ ନୂତନ ରାଜ୍ୟ ଗଠନ ପାଇଁ ଦାବି କରିଥାଏ ।
- ସାମ୍ପ୍ରଦାୟିକତାବାଦ, ଭାଷାବାଦ ଓ ଆଞ୍ଚଳିକତାବାଦ ଜାତୀୟ ସଂହତି ପାଇଁ ଏକ ବଡ଼ ସମସ୍ୟା । ଏଗୁଡିକ ଏକତ୍ରିତ ଭାବନା ଏବଂ ଜାତୀୟ ପରିଚୟକୁ ଆଘାତ ଦେଇଥାଏ ।

## ପର୍ଯ୍ୟାୟ ଅଭ୍ୟାସ (Terminal exercise)

୧. ରାଷ୍ଟ୍ର ଓ ଜାତୀୟ ସଂହତି କହିଲେ ତୁମେ କ'ଣ ବୁଝ ?

୨. ସାମ୍ପ୍ରଦାୟିକତାବାଦ କ'ଣ ? କାହିଁକି ଏହା ଜାତୀୟ ସଂହତି ପାଇଁ ଏକ ବିପଦ ଅଟେ ?

୩. ଭାଷାବାଦ କ'ଣ ? କେଉଁ ହିସାବରେ ଏହା ଜାତୀୟ ସଂହତି ପାଇଁ କ୍ଷତିକାରକ ?

୪. ଆଞ୍ଚଳିକତାବାଦ କାହାକୁ କୁହାଯାଏ ? ଏହା କେଉଁ ହିସାବରେ ଜାତୀୟ ସଂହତି ପାଇଁ ଏକ ସମସ୍ୟା ?

୫. ଆମ ଜାତୀୟ ସଂହତି ପାଇଁ କିଏ ପ୍ରୋତ୍ସାହିତ କରିଥାଏ ?

## ପରିଭାଷା (Glossary)

ଗୁଣ ନିର୍ଦ୍ଦେଶ (connotation) - ଅର୍ଥ



| | |
|---|---|
| ପରିଚୟ | - ସ୍ୱୀକୃତି |
| ଭାଷାବାଦ | - ସମାନ ଭାଷା ବ୍ୟବହାର କରୁଥିବା ଲୋକଙ୍କୁ ଅଧିକ ଆଦର ଓ ସାହାଯ୍ୟ କରିବା |
| ରାଷ୍ଟ୍ର | - ଲୋକଙ୍କ ସମଷ୍ଟି ଯେଉଁଠି ଏକ ସାଧାରଣ ଏକତ୍ରିତ ଭାବନା ଥାଏ । |
| ଜାତୀୟ ସଂହତି | - ସାଂସ୍କୃତିକ, ଭାଷାଗତ, ଆଞ୍ଚଳିକତା ସମ୍ବନ୍ଧୀୟ ବିଭିନ୍ନତା ଥିବା ସତ୍ତ୍ୱେ ଏକତ୍ରିତ ଭାବନା |
| ଆଞ୍ଚଳିକତାବାଦ | - ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ ପ୍ରତି ଲୋକଙ୍କ ଅତ୍ୟଧିକ ଆଦର ଓ ଆନ୍ତରିକତା |
| ଧର୍ମନିରପେକ୍ଷବାଦ | - ଧର୍ମ ଅନୁଯାୟୀ କୌଣସି ପାର୍ଥକ୍ୟ ନଥାଏ |
| ଧର୍ମନିରପେକ୍ଷ | - ଧର୍ମର ଊର୍ଦ୍ଧ୍ୱରେ |

## ପାଠଗତ ପ୍ରଶ୍ନର ଉତ୍ତର (Answer to intext Question)

୨୫.୧ (୧) ସଂଯୋଗ କରିବା (୨) ସାଧାରଣ
(୩) ବିଭିନ୍ନତା ମଧ୍ୟରେ ଜାତୀୟ ଏକତା (୪) ତ୍ୟାଗ କରିବା

୨୫.୨ (୧) ଠିକ୍ (୨) ଠିକ୍ (୩) ଠିକ୍
(୪) ଠିକ୍ (୫) ଠିକ୍

୨୫.୩ (୧) ଖ (୨) ଖ (୩) ଗ
(୪) ଗ ଓ (୫) ଗ

୨୫.୪ (୧) Refer to 9.1.9 (୨) Refer to 9.1.1 (୩) Refer to 9.1.9
(୪) Refer to 9.1.9 (୫) Refer to 9.1.9

୨୫.୫ କ (୧) = ଖ (୫) କ (୩) = ଖ (୪) କ (୩) = ଖ (୧)
କ (୩) = ଖ (୧) କ (୪) = ଖ (୨) କ (୫) = ଖ (୩)